ISSN 2583-9543

BAGEESHA
ବାଗୀଶ

ଦ୍ୱି-ମାସିକ ଓଡ଼ିଆ ଆଲୋଚନଧର୍ମୀ ପତ୍ରିକା
A BI-MONTHLY REFEREED PEER-REVIEWED JOURNAL

E-mail: bageesha.magazine@gmail.com I Phone No. 9337166172, 7752066217 I Website: www.bageesha.in

## ଲେଖକଙ୍କପାଇଁ ନିର୍ଦ୍ଦେଶାବଳୀ

୧) 'ବାଗୀଶ' ଦ୍ୱି-ମାସିକ ଓଡ଼ିଆ ଗବେଷଣା ଓ ଆଲୋଚନଧର୍ମୀ ISSN (2583-9543) ସ୍ୱୀକୃତ ରେଫରିଡ୍ ପିଅର ରିଭିଉଡ୍ ଜର୍ଣ୍ଣାଲ (Refereed Peer-Reviewed Journal)।

୨) 'ବାଗୀଶ'ର ସ୍ୱତନ୍ତ୍ର ଗବେଷଣା ବିଭାଗରେ ସାହିତ୍ୟ, ସାହିତ୍ୟ ତତ୍ତ୍ୱ, ଲୋକ ସାହିତ୍ୟ, ସମାଜ, ସଂସ୍କୃତି, କଳା, ଇତିହାସ, ନୃତତ୍ତ୍ୱ, ଦର୍ଶନ, ବିଜ୍ଞାନ ଆଦି ବିବିଧ ପ୍ରେକ୍ଷାର ଗବେଷଣାତ୍ମକ ଆଲୋଚନା ପ୍ରକାଶିତ ହୋଇଥାଏ।

୩) 'ବାଗୀଶ' ଯୁବପିଢ଼ିଙ୍କୁ ଗବେଷଣାମନସ୍କ କରିବା ନିମନ୍ତେ ପ୍ରୟାସ କରିବା ସହ ସ୍ୱତନ୍ତ୍ର ଆଭିମୁଖ୍ୟ ନେଇ ସଂପ୍ରତି ନିଜ କାର୍ଯ୍ୟ ଅବ୍ୟାହତ ରଖିଛି । ଏହା ବ୍ୟତୀତ ଭବିଷ୍ୟତପାଇଁ ନୂତନ ରୂପରେଖ ମଧ୍ୟ ପ୍ରସ୍ତୁତ କରିଅଛି।

୪) 'ବାଗୀଶ' ସର୍ବଦା **ନୂଆପଣ ଥିବା ଲେଖା, ଅର୍ଥାତ୍ ପୂର୍ବରୁ ଅନାଲୋଚିତ ଅଥବା ସାଂପ୍ରତିକ ପୃଷ୍ଠଭୂମି ଆଧାରିତ ଗବେଷଣା ପତ୍ରକୁ ହିଁ ସର୍ବଦା ଗୁରୁତ୍ୱ** ଦେଇଥାଏ।

୫) 'ବାଗୀଶ'ରେ **ଏକାକୀୟ ଲେଖକ ଅଥବା ଏକ ନିର୍ଦ୍ଦିଷ୍ଟ ପୁସ୍ତକ ଉପରେ ପ୍ରସ୍ତୁତ ଲେଖାକୁ ବିଶେଷ ପ୍ରାଧାନ୍ୟ ଦିଆଯାଏ ନାହିଁ।** ଯଦି ଲେଖାଟି ସ୍ୱତନ୍ତ୍ର ମନେହୁଏ ଅଥବା ସମୀକ୍ଷକ ମଣ୍ଡଳୀଙ୍କ ଅନୁମୋଦନ ପ୍ରାପ୍ତ କରେ ତେବେ ଏହା ଗ୍ରହଣୀୟ ହୋଇପାରେ।

୬) ଆମେ ସ୍ପଷ୍ଟ କରିଦେବାକୁ ଚାହୁଁ ଯେ, 'ବାଗୀଶ'ର **ପ୍ରତି ସଂଖ୍ୟାରେ କେବଳ ପାଞ୍ଚଟି ଗବେଷଣାତ୍ମକ ଲେଖା ହିଁ ପ୍ରକାଶ** ପାଏ। ଏଥିରେ କୌଣସି ବ୍ୟତିକ୍ରମ ଏପର୍ଯ୍ୟନ୍ତ କରାଯାଇନାହିଁ ।

୭) ଏହା ଯେହେତୁ ଏକ ଦ୍ୱି-ମାସିକ ପତ୍ରିକା ଆପଣ **ଲେଖା ଦେଲାପରେ ସର୍ବନିମ୍ନ ତିନୋଟି ସଂଖ୍ୟା ପର୍ଯ୍ୟନ୍ତ ଅପେକ୍ଷା କରିବା ବିଧେୟ।** ଲେଖାଟି ପ୍ରକାଶନ ପାଇଁ ଯୋଗ୍ୟ ବିବେଚିତ ହେଲେ ସଂପାଦନା ମଣ୍ଡଳୀ ଏ ସମ୍ପର୍କରେ ସୂଚୀତ କରିଥାନ୍ତି। ଆହୁରି ମଧ୍ୟ, ଯଦି ବାଗୀଶର କୌଣସି ସଂଖ୍ୟାରେ ଆପଣଙ୍କ ଲେଖା ପ୍ରକାଶିତ ହୁଏ; ପରବର୍ତ୍ତୀ ଲେଖା ପ୍ରକାଶନ ନିମନ୍ତେ ଆଗାମୀ ତିନୋଟି ସଂଖ୍ୟା ଅପେକ୍ଷା କରିବାକୁ ହେବ।

୮) ଆପଣ **ଲେଖା ଦାଖଲ କରିଦେଲେ ଯେ ପତ୍ରିକାରେ ପ୍ରକାଶିତ ହେବ, ଏମିତି କଦାପି କୁହାଯାଇ ପାରିବ ନାହିଁ।** ଲେଖାଟି ଯଦି ଯୋଗ୍ୟ ବିବେଚିତ ହୁଏ; ତା' ପରେ ସମ୍ପାଦନା ମଣ୍ଡଳୀ ଆପଣଙ୍କ ସହ ଯୋଗାଯୋଗ କରି ପରବର୍ତ୍ତୀ ସୋପାନ ସମ୍ପର୍କରେ ଜଣେଇଥାନ୍ତି। ତେଣୁ ଲେଖା ଦେଇସାରିବା ପରେ ସମ୍ପାଦନା ମଣ୍ଡଳୀଙ୍କ ପ୍ରତିକ୍ରିୟାକୁ ଅପେକ୍ଷା କରନ୍ତୁ।

୯) **ଲେଖା ଗ୍ରହଣ ସମୟରେ କୌଣସି ଦେୟ ବା ଅର୍ଥରାଶି ଗ୍ରହଣ କରାଯାଏ ନାହିଁ ।** ଅଥବା ଅର୍ଥରାଶି ପ୍ରଦାନ କରିଦେଲେ ଲେଖା ପ୍ରକାଶ ପାଇଯିବ ସେ ବିଚାରରୁ ଦୂରେଇ ରୁହନ୍ତୁ। ବାଗୀଶ କେବେ କୌଣସି ଲେଖା ପ୍ରକାଶନପାଇଁ ଅର୍ଥ ଦାବୀ କରିନଥାଏ। ଅବଶ୍ୟ ଲେଖାଟି ପ୍ରକାଶିତ ହେବା ପରେ ମୁଦ୍ରିତ ପତ୍ରିକା ଓ ଡାକ ଖର୍ଚ୍ଚ ବାବଦକୁ ସାମାନ୍ୟ ଅର୍ଥରାଶି ଲେଖକଙ୍କୁ ଦେବାକୁ ହୁଏ।

୧୦) 'ବାଗୀଶ' ସର୍ବଦା ଏକ ନିର୍ମଳ ଓ ନୈତିକ ମୂଲ୍ୟବୋଧକୁ ଅଧାରକରି ଆଗକୁ ବଢ଼ିବାର ସ୍ୱପ୍ନ ଦେଖେ। ତେଣୁ ସବୁ କ୍ଷେତ୍ରରେ ଏ ନିର୍ମଳତା ଓ ନୈତିକତା ବଜାୟ ରଖିବା ଆମ ସମସ୍ତଙ୍କ କର୍ତ୍ତବ୍ୟ।

## ଲେଖା ପ୍ରେରଣର ନିୟମ

୧) **ଲେଖାଟି ୱାର୍ଡ ଫାଇଲ(MS WORD FILE) ମଧ୍ୟରେ ଓଡ଼ିଆ ୟୁନିକୋଡ଼ରେ ଡ଼ିଟିପି ହୋଇଥିବା ଆବଶ୍ୟକ।** ଆକୃତି କିମ୍ବା ପେଜ୍‌ମେକର ଫାଇଲ ଗ୍ରହଣୀୟ ନୁହେଁ।

୨) ଲେଖା ସହ **ଲେଖକଙ୍କ ନାମ, ପଦବୀ, ଅନୁଷ୍ଠାନର ନାମ, ସଂପୂର୍ଣ୍ଣ ଠିକଣା, ଇ-ମେଲ, ଯୋଗାଯୋଗ ଆଦି ପ୍ରଦାନ କରିବା** ନିତାନ୍ତ ଆବଶ୍ୟକ। ଯାହା **ଫର୍ମ(FORM)** ରେ ଉଲ୍ଲେଖ କରାଯାଇଛି।

୩) ଲେଖା ସହ **ଲେଖକଙ୍କ ସଂକ୍ଷିପ୍ତ ପରିଚୟ (୪-୫ ଧାଡ଼ି ଭିତରେ)ମଧ୍ୟ ପ୍ରଦାନ କରାଯିବା ଆବଶ୍ୟକ।** ଏଠାରେ ଲେଖକ ତାଙ୍କ ଗବେଷଣାର କ୍ଷେତ୍ର, ଅଭିଜ୍ଞତା ଓ ସ୍ୱତନ୍ତ୍ର ଉପଲବ୍ଧି ସମ୍ପର୍କରେ ସୂଚନା ଦେଇପାରିବେ।

୪) ଲେଖା ସହ **ଲେଖାର ସାରାଂଶ (୭-୮ ଧାଡ଼ି ଭିତରେ ) ପ୍ରଦାନ କରିବା ବାଧ୍ୟତାମୂଳକ।** ଏହା ସହ ଲେଖାକୁ ଆଧାର କରି ପାଞ୍ଚଟି ମୂଳଶବ୍ଦ ମଧ୍ୟ ଲେଖକ ପ୍ରଦାନ କରିବେ।

୫) **ସଂପୂର୍ଣ୍ଣ ଲେଖା MS-WORD FILE( ଅକ୍ଷର ଆକାର ୧୨ ଥାଇ ୧୦ ପୃଷ୍ଠା ଭିତରେ)** ଆମକୁ ଫର୍ମ ମାଧ୍ୟମରେ ପଠାଇବାକୁ ହେବ। ଆପଣ ଚାହିଁଲେ ପ୍ରଦତ୍ତ **DEMO COPY** ଅନୁଯାୟୀ **MS-WORD FILE**ରେ ସମସ୍ତ ବିଷୟ ସଂଯୁକ୍ତ କରି ମଧ୍ୟ ପ୍ରଦାନ କରିପାରିବେ। କିନ୍ତୁ ଫର୍ମ ପୂରଣ କରିବା ବାଧ୍ୟତାମୂଳକ। ଏଠି ମୁଁ କହିରଖେ ଯେ, ଫର୍ମରେ ଫାଇଲ ଅପଲୋଡ କରିବା ବାଧ୍ୟତାମୂଳକ ନୁହେଁ। ଆପଣ ଯଦି ଫର୍ମରେ ଫାଇଲ ଅପଲୋଡ କରିପାରୁ ନାହାଁନ୍ତି ତେବେ ଆମକୁ ଇ-ମେଲ (bageesha.magazine@gmail.com) ମାଧ୍ୟମରେ କେବଳ ଲେଖା ଓ ସ୍ୱୀକୃତି ପତ୍ରର ଫାଇଲଟି ପଠେଇବେ।

୬) ଉପଯୁକ୍ତ ପ୍ରକ୍ରିୟାରେ ଲେଖା ଦାଖଲ ପାଇଁ **MS-WORD FILE SUBMITION DEMO COPY ଡାଉନଲୋଡ ସେକସନ୍‌ରୁ ଡାଉନଲୋଡ କରିପାରିବେ । ଏଥି ସହ ଲେଖାକୀୟ ସ୍ୱୀକୃତି ପତ୍ରର ପିଡିଏଫ୍** ମଧ୍ୟ ଉପଲବ୍ଧ। ଯାହା ଠିକ୍ ଭାବେ ପୂରଣ କରି ଆମକୁ ଏହାର ସ୍କାନ୍ ଅଥବା ଡିଜିଟାଲ୍ କପି ପଠାଇବାକୁ ହେବ।

୭) ଲେଖାଟି **ଉପଯୁକ୍ତ ପ୍ରକ୍ରିୟାରେ ଦାଖଲ ହୋଇଥିବା ଆବଶ୍ୟକ । ଉପରୋକ୍ତ ନିର୍ଦ୍ଦେଶାବଳୀ ଅନୁଯାୟୀ କୌଣସି ଗୋଟିଏ ମଧ୍ୟ ତଥ୍ୟ ଯଦି ଅନୁପଲବ୍ଧ ଥାଏ ତେବେ ଲେଖାଟି ଗ୍ରହଣୀୟ ହେବ ନାହିଁ ।** ଏଥି ନିମନ୍ତେ ସଂପାଦନା ମଣ୍ଡଳୀ ଦାୟୀ ରହିବେ ନାହିଁ। ତେଣୁ ଆମର ଅନୁରୋଧ ଉପଯୁକ୍ତ ଭାବେ ମାର୍ଗଦର୍ଶିକା ପଢି ଲେଖା ପ୍ରେରଣ କରନ୍ତୁ ।

** ଉପରୋକ୍ତ ନିର୍ଦ୍ଦେଶିତ ତଥ୍ୟ ବିନା ଲେଖା ଗ୍ରହଣୀୟ ହେବ ନାହିଁ । ଲେଖାକୀୟ ସ୍ୱୀକୃତି ପତ୍ର ସମସ୍ତ ଲେଖକମାନଙ୍କପାଇଁ ବାଧ୍ୟତାମୂଳକ। ବିନା ଲେଖାକୀୟ ସ୍ୱୀକୃତି ପତ୍ର ବିନା ଲେଖା ଗ୍ରହଣୀୟ ହେବ ନାହିଁ।*

## ଗବେଷଣା ନିବନ୍ଧର ରୂପରେଖ

ଗବେଷଣାର ନିୟମ ଦୃଷ୍ଟିରୁ ଏକ ଗବେଷଣା ନିବନ୍ଧ ଯେଉଁ ଭଳି ହେବା ଉଚିତ୍, ଓଡ଼ିଆ ଗବେଷଣା କ୍ଷେତ୍ରରେ ସେଭଳି ହେଉ ନାହିଁ। ତେଣୁ 'ବାଗୀଶ' ନିମନ୍ତେ ଲେଖା ପ୍ରଦାନ କରିବା ସମୟରେ ନିମ୍ନରେ ପ୍ରଦତ୍ତ କିଛି ବିଷୟ ପ୍ରତି ଦୃଷ୍ଟି ଦେବାକୁ ଅନୁରୋଧ।

ନିମ୍ନରେ ଗବେଷଣା ନିବନ୍ଧର ରୂପରେଖ କେମିତି ହେବ ସେ ସଂପର୍କରେ ସୂଚନା ପ୍ରଦାନ କରାଗଲା।

TITLE

### ନିବନ୍ଧ ଶୀର୍ଷକ

ଲେଖକ ନାମ, ପଦବୀ, ଅନୁଷ୍ଠାନର ନାମ

ABSTRACT

**ସାରାଂଶ :** ଯେକୌଣସି ଗବେଷଣା ନିମନ୍ତେ ସାରାଂଶ ଏକ ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ଗବେଷଣାର ଅବବୋଧ ଓ ଉଦ୍ଦେଶ୍ୟ ପାଠକଟିଏ ଏହି ଭାଗରେ ହିଁ ଅବଗତ ହୁଏ । ଏହା ମୁଖ୍ୟତଃ ୧୦୦ରୁ ୧୫୦ ଶବ୍ଦ ମଧ୍ୟରେ ହେବା ଅବଶ୍ୟକ । ଲେଖକ ନିଜ ଅନୁଯାୟୀ ଏହାର ପରିଧିକୁ ନିର୍ଣ୍ଣୟ କରିପାରିବେ।

**ମୂଳଶବ୍ଦ :** ଲେଖାକୁ ଆଧାର କରି ପାଞ୍ଚଟି ମୂଳଶବ୍ଦ ସଂଯୁକ୍ତ ହେବ ।

INTRODUCTIO

**ଉପକ୍ରମ:** ଯେକୌଣସି ଗବେଷଣା ନିମନ୍ତେ ଉପକ୍ରମ ଏକ ପ୍ରମୁଖ ଭାଗ। ଯହିଁରେ ଆମ ଗବେଷଣାର ଉଦ୍ଦେଶ୍ୟଟି ଜଣାପଡ଼େ। ପାଠକଟି ସଚେତନ ହୋଇପାରେ। ଏହି ଭାଗରେ ଗବେଷଣା ନିବନ୍ଧ ସଂପର୍କରେ ଲେଖକଙ୍କ ପ୍ରାରମ୍ଭିକ ସୂଚନା ରହିବ। ଯାହା ସମୁଦାୟ ୧୦୦ରୁ ୧୫୦ ଶବ୍ଦ ମଧ୍ୟରେ ହୋଇଥିବା ଅବଶ୍ୟକ। ଅବଶ୍ୟ ଲେଖକ ସ୍ୱାଧୀନ ।

DISCUSSION

**ବିଷୟର ଆଲୋଚନା:** ଏହି ଭାଗଟି ପ୍ରକୃତ ଗବେଷଣାର କ୍ଷେତ୍ର। ଏଠାରେ ଲେଖକ ନିଜର ଗବେଷଣାର ସମସ୍ତ ତଥ୍ୟ ଓ ତତ୍ତ୍ୱ ଉପସ୍ଥାପନା କରନ୍ତି। ତେଣୁ ଏହି ଭାଗଟି ଗୁରୁତ୍ୱପୂର୍ଣ୍ଣ। ଏହାର ସୀମା ସଂପର୍କରେ କହିବା ସମ୍ଭବ ନୁହେଁ। ଏହା ଗବେଷଣା ବିଷୟର ବ୍ୟାପ୍ତି ଓ ଗବେଷକଙ୍କ ଉପରେ ନିର୍ଭରେ କରେ।

CONCLUSION

**ଉପସଂହାର:** ଏହା ଗବେଷଣାର ଶେଷ ପର୍ଯ୍ୟାୟ। ଏହି ପର୍ଯ୍ୟାୟରେ ଲେଖକ ବା ଗବେଷକ ନିଜ ଉପଲବ୍ଧି ବା ଅନ୍ୱେଷଣ ସମ୍ପର୍କିତ ଶେଷ କଥାଟି କହିଥାନ୍ତି । ଏହା ଆଗାମୀ ଗବେଷଣା ପାଇଁ ପଥ ପ୍ରଶସ୍ତ କରିଥାଏ।

REFERENCE

**ପ୍ରାନ୍ତଟୀକା/ସହାୟକ ଗ୍ରନ୍ଥସୂଚୀ/ସହାୟିକା:** ଯେକୌଣସି ଗବେଷଣାତ୍ମକ ଲେଖା ପାଇଁ ଏହାର ପ୍ରାନ୍ତଟୀକା/ସହାୟକ ଗ୍ରନ୍ଥସୂଚୀ/ସହାୟିକା ଏକ ପ୍ରମୁଖ ଉପାଦାନ। ତେଣୁ ଗବେଷକ ଉଦାର ଭାବେ ସେ ସବୁର ଉଲ୍ଲେଖ କରିବା ଆବଶ୍ୟକ। ମୁଁ ଏଠାରେ କହିରଖେ ଯେ, ଅନେକ ଗବେଷକ ଏହି ଭାଗଟି ଉପଯୁକ୍ତ ଭାବେ ଉପସ୍ଥାପନା କରୁନାହାଁନ୍ତି। ଏହା ବିଡମ୍ବନାର ବିଷୟ।

# ପ୍ରକାଶନର ପ୍ରକ୍ରିୟା




୧) ଉପଯୁକ୍ତ ପ୍ରକ୍ରିୟାରେ ଲେଖକଙ୍କୁ ପ୍ରଥମେ ଫର୍ମ ମାଧ୍ୟମରେ ଲେଖା ଦାଖଲ କରିବାକୁ ହୁଏ । ଏହାପରେ ଏହା ସଂପାଦନା ମଣ୍ଡଳୀଙ୍କ ପାଖକୁ ପଠାଇଦିଆଯାଏ ।

୨) ପ୍ରାପ୍ତ ଲେଖାଟିକୁ ମୁଖ୍ୟ ସଂପାଦକ ଓ ସଂପାଦନା ମଣ୍ଡଳୀଙ୍କ ସମୀକ୍ଷା ପରେ ସମୀକ୍ଷକ ମଣ୍ଡଳୀଙ୍କ ପାଖକୁ ପଠାଯାଏ । ଯଦି ଲେଖାଟି ଅସମ୍ପୂର୍ଣ୍ଣ ଅଥବା ଏଥିରେ କୌଣସି ସମସ୍ୟା ରହିଥାଏ ତେବେ ଏହା ପୁନଃ ଲେଖକଙ୍କ ପାଖକୁ ପଠାଇ ଦିଆଯାଏ ।

୩) ସମୀକ୍ଷକ ମଣ୍ଡଳୀ ଲେଖାର ଗୁଣବତ୍ତାକୁ ପରୀକ୍ଷା କରି ସଂପାଦନା ମଣ୍ଡଳୀଙ୍କୁ ଜଣାନ୍ତି ।

୪) ସଂପାଦନା ମଣ୍ଡଳୀ ଲେଖାଟିକୁ ସଂପାଦନା କଲାପରେ, ଏହା ପ୍ରକାଶନ ପାଇଁ ଅନୁମୋଦିତ ହୁଏ ।

୫) ଶେଷରେ ଲେଖାଟି ପ୍ରକାଶିତ ହୁଏ ।

ଉପରୋକ୍ତ ସମସ୍ତ ବିବରଣୀକୁ ଧ୍ୟାନର ସହ ପଢି ନିଜର ଲେଖା ଦାଖଲ କରିବା ପାଇଁ ନିବେଦନ। ପତ୍ରିକାର ଶୃଙ୍ଖଳିତ ପ୍ରକାଶନ ଓ ଉନ୍ନତି କଳ୍ପେ ସମସ୍ତ ସର୍ତ୍ତାବଳୀ ଲାଗୁ କରାଗଲା ।

---

ଲେଖା ଦାଖଲପାଇଁ : https://bageesha.in/submit/ QR CODE:

BAGEESHA ★ REFERED PEER-REVIEWED JOURNAL ★ ISSN 2583-9543

ମୁଖ୍ୟ-ସଂପାଦକ
ସଂପାଦକଙ୍କ, ବାଗୀଶ
ରେଫରିଡ୍ ପିଅର୍ ରିଭିଉଡ୍ ଜର୍ଣ୍ଣାଲ
E-ISSN 2583-9543